# ଧରଣୀଧର ନାୟକ

ଜନ୍ମ: ( ୧୯୩୯- ) ମସିହା

ଓଡ଼ିଆ ପ୍ରବନ୍ଧ ସାହିତ୍ୟ କ୍ଷେତ୍ରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଧରଣୀଧର ନାୟକ ଅପରିଚିତ ନୁହନ୍ତି । ଅନ୍ୟୂନ ୭୦ ଦଶକଠାରୁ ପ୍ରବନ୍ଧ ରଚନାରେ ତାଙ୍କର ଲେଖନୀ ଚଳଚଞ୍ଚଳ । ଏକାଧାରରେ ସେ ଜଣେ ପ୍ରାବନ୍ଧିକ, ସାହିତ୍ୟିକ, ସମାଲୋଚକ, ସୁବକ୍ତା, ପ୍ରବଚକ ଓ ସମାଜସେବୀ । ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକା ତଥା ଦୈନିକ ସମ୍ବାଦପତ୍ର ମାନଙ୍କରେ ତାଙ୍କର ବହୁ ପ୍ରବନ୍ଧ ଓ ସମାଲୋଚନା ପ୍ରକାଶିତ ଓ ପାଠକପାଠିକା ମଣ୍ଡଳୀରେ ଆଦୃତ । ତାଙ୍କ ପୁସ୍ତକ ସର୍ମ୍ପକରେ -

**ଉତ୍କଳୀୟ ଧର୍ମ, ସଂସ୍କୃତି ଓ ବିବିଧ ପ୍ରସଙ୍ଗ,** ପୃଷ୍ଠା-୧୮୬, ପ୍ରକାଶକାଳ- ୨୦୦୯, ମୂଲ୍ୟ- ଟ.୧୬୦/-

ଡ. ନାୟକଙ୍କ ବହୁ ପ୍ରବନ୍ଧ ମଧ୍ୟରୁ ୨୧ଟି ର ସମାବେଶ ଘଟିଛି **"ଉତ୍କଳୀୟ ଧର୍ମ, ସଂସ୍କୃତି ଓ ବିବିଧ ପ୍ରସଙ୍ଗ'** ଶୀର୍ଷକ ପୁସ୍ତକରେ । ଏଥିରେ ସଂକଳିତ ପ୍ରବନ୍ଧ ଗୁଡ଼ିକ ଓଡ଼ିଶାର ଧର୍ମୀୟ, ସାମାଜିକ ତଥା ସାଂସ୍କୃତିକ ଜୀବନଧାରାର ବିସ୍ତୃତ ପରିଚୟ ଦିଏ । ଶୈବ, ଶାକ୍ତ, ଗାଣପତ୍ୟ ଇତ୍ୟାଦି ଧର୍ମଧାରା ଆଲୋଚନା ଭିତ୍ତିକ ପ୍ରବନ୍ଧମାନଙ୍କରେ ଉତ୍କଳୀୟ ଐତିହ୍ୟ ନିର୍ଦ୍ଧାରଣ ପରି ଗମ୍ଭୀର ପ୍ରସଙ୍ଗରେ ବହୁ ନୂତନ ଉପାଦାନ ଅବତାରଣା କରାଯାଇଛି । ଓଡ଼ିଶାର ଧର୍ମମତମାନଙ୍କର ସ୍ୱରୂପ ପ୍ରଦର୍ଶନ ପାଇଁ ଡ.ନାୟକ ବହୁ ବିକ୍ଷିପ୍ତ ଉପାଦାନ ସଂଗ୍ରହପୂର୍ବକ ସେଗୁଡ଼ିକର ଉପସ୍ଥାପନ ଯଥାର୍ଥ ଭାବରେ କରିପାରିଛନ୍ତି । ସେହିସବୁ ବିସ୍ତୃତ ବିବରଣୀ ପରବର୍ତ୍ତୀ ଗବେଷକମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ।

ସାହିତ୍ୟିକ ପ୍ରବନ୍ଧମାନଙ୍କ ମଧ୍ୟରୁ କେତୋଟିରେ ରାଧାନାଥ, ଗଙ୍ଗାଧରଙ୍କ ପରି ପ୍ରମୁଖ ସାହିତ୍ୟିକଙ୍କ କୃତି ଓ କୃତିତ୍ୱ ଉପରେ ସାର୍ଥକ ଆଲୋଚନା ପ୍ରକାଶ ପାଇଛି । "ସେନାପତିଙ୍କ ଚରମପତ୍ର' ସମ୍ବନ୍ଧରେ ଫକୀରମୋହନଙ୍କ ବ୍ୟକ୍ତିଗତ ଜୀବନର ବ୍ୟଥିତ ଅନ୍ତରର କରୁଣ ଚିତ୍ର ଉପସ୍ଥାପିତ ହୋଇଛି । ଡ. ନାୟକଙ୍କ ସାହିତ୍ୟିକ ପ୍ରବନ୍ଧଗୁଡ଼ିକ ସାଂପ୍ରତିକ ସମୟର ଶିକ୍ଷାର୍ଥୀ ତଥା ପାଠକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ । କେତୋଟି ପ୍ରବନ୍ଧରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ, ସ୍ୱତନ୍ତ୍ର ଉତ୍କଳ ଗଠନ ଓ ବିଚ୍ଛିନ୍ନାଞ୍ଚଳ ପ୍ରସଙ୍ଗରେ ପାଠକମାନଙ୍କ ପାଇଁ ବହୁ ଅନାଲୋଚିତ ତଥା ଅଜ୍ଞାତ ବିଷୟ ଉପସ୍ଥାପିତ ହୋଇଛି । ଏସବୁ ପ୍ରବନ୍ଧରେ ରହିଛି ବିଶେଷ ବିରଳ ତଥ୍ୟାବଳୀ । ଓଡ଼ିଆ ଲୋକସାହିତ୍ୟ ଉପରେ ମାର୍ମିକ ପ୍ରବନ୍ଧ ଉପସ୍ଥାପିତ ହୋଇଛି ଡ.ନାୟକଙ୍କ ପୁସ୍ତକରେ । ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ସର୍ମ୍ପକରେ ଉପାଦେୟ ପ୍ରବନ୍ଧ ବହୁ ତଥ୍ୟାଶ୍ରୟୀ । ଡ. ନାୟକଙ୍କ ପୁସ୍ତକ ଦ୍ୱୟରେ ଗୀତଗୋବିନ୍ଦ ସ୍ରଷ୍ଟା ଜୟଦେବଙ୍କ ଉପରେ ମଧ୍ୟ ତଥ୍ୟ ଭିତ୍ତିକ ପ୍ରବନ୍ଧ ସ୍ଥାନିତ ହୋଇଛି ।

**ଉତ୍କଳୀୟ ପରଂପରା ଓ କତିପେୟ ବ୍ୟକ୍ତିତ୍ୱ,** ପ୍ରକାଶକାଳ- ୨୦୧୧, ମୂଲ୍ୟ- ଟ.୧୫୦/-

ଦ୍ୱିତୀୟ ପ୍ରବନ୍ଧ ପୁସ୍ତକରେ ଉଲ୍ଲିଖିତ ପ୍ରସଙ୍ଗରେ ପ୍ରବନ୍ଧମାନ ରହିଥିବା ସହ ଐତିହାସିକ ଗବେଷକ କେଦାରନାଥ ମହାପାତ୍ର, ପଣ୍ଡିତ ନୀଳକଣ୍ଠ ମିଶ୍ର, ଖ୍ୟାତନାମା ଚିତ୍ରଶିଳ୍ପୀ ସାହିତ୍ୟିକ ଡ. ଦିନନାଥ ପାଠୀଙ୍କ ପରି କେତେକ ବିଶିଷ୍ଟ ବ୍ୟକ୍ତିତ୍ୱ ଉପରେ ଡ. ନାୟକ ଯଥେଷ୍ଟ ଆଲୋକପାତ କରିଛନ୍ତି ।